# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ,ଉଲୁଣ୍ଡା

## ବିଜ୍ଞାପନ

**ସଂଖ୍ୟା** 17 **ତାରିଖ** 06.01.2025

ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପତ୍ର ସଂଖ୍ୟା WCD-ICDS-G-MISC-୦୦୩୩-୨୦୨୨ ୪୯୭୦/ WCD ତାରିଖ ୧୫.୦୩.୨୦୨୩ ଅନୁସାରେ ଅଙ୍ଗନୱାଡି କର୍ମୀ ଚୟନ ପ୍ରକ୍ରିୟା ର ପ୍ରସଙ୍ଗ କ୍ରମେ ଏତଦ ଦ୍ୱାରା ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ନିମ୍ନ ଲିଖିତ **ଅଙ୍ଗନୱାଡି କେନ୍ଦ୍ର** ର **କର୍ମୀ** ପଦବୀ ପୂରଣ ପାଇଁ ଉକ୍ତ କେନ୍ଦ୍ରାଞ୍ଚଳ ପରିସର ମଧ୍ୟରେ ବସବାସ କରୁଥିବା ଇଚ୍ଛୁକ ମହିଳା ପ୍ରାର୍ଥିନୀ ମାନଙ୍କ ତଥା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣେଇ ଦିଆଗଲା ଯେ **ଅଙ୍ଗନୱାଡି କର୍ମୀ** ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ଥିବା ପ୍ରାର୍ଥିନୀ ମାନେ ଏହି ବିଜ୍ଞାପନ ସହ ସଲଗ୍ନ କରାଯାଇଥିବା ନିର୍ଦ୍ଧିଷ୍ଟ online portal **www.engagement-awc.odisha.gov.in** ରେ ତା. **୦୭.୦୧.୨୦୨୫** ଠାରୁ ତା. **୨୧.୦୧.୨୦୨୫** ମଧ୍ୟରେ ସମସ୍ତ ପ୍ରମାଣ ପତ୍ର ସହିତ ଆବେଦନ କରିବେ। ଆବେଦନ କରିବା ସମୟରେ ସମସ୍ତ ଆବଶ୍ୟକୀୟ ପ୍ରମାଣ ପତ୍ର ଉପରୋକ୍ତ online portal ରେ **ଅପଲୋଡ(Upload) କରି ନଥିଲେ ପରେ କୌଣସି ପ୍ରମାଣ ପତ୍ର ଗ୍ରହଣ କରାଯିବ ନାହିଁ ।**

ଏହି ସ୍ୱେଚ୍ଛାସେବି ପଦବୀ ପାଇଁ ସରକାରଙ୍କ ନିର୍ଦ୍ଧାରିତ ହାରରେ ପାରିତୋଷିକ ପ୍ରଦାନ କରାଯିବ । ଏହିପାଇଁ ପ୍ରାର୍ଥିନୀ ଭବିଷ୍ୟତରେ ସରକାରୀ ପଦବୀ ବା ଦରମା ଦାବି କରିପାରିବେ ନାହିଁ । ନିମ୍ନ ସ୍ୱାକ୍ଷର କାରି ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ ଏହି ବିଜ୍ଞପ୍ତି ଆଂଶିକ ବା ସମ୍ପୂର୍ଣ୍ଣ ନାକଚ କରିପାରିବେ । ପ୍ରାର୍ଥିନୀଙ୍କ ଠାରୁ ତା. **୦୭.୦୧.୨୦୨୫** ଠାରୁ ତା. **୨୧.୦୧.୨୦୨୫** ରିଖ ମଧ୍ୟରେ ମିଳିଥିବା ଦରଖାସ୍ତ ଗୁଡିକ ତା. **୨୨.୦୧.୨୦୨୫ ରିଖ ଦିନ ୧୧.୦୦** ଟା ସମୟରେ ଯାଞ୍ଚ କରାଯିବ । ଉକ୍ତ ଦିନ ପ୍ରାର୍ଥିନୀ ମାନେ ସେମାନଙ୍କ ମୂଳ ପ୍ରମାଣ ପତ୍ର ସହ ଅତ୍ର କାର୍ଯ୍ୟାଳୟରେ ନିଜେ ଉପସ୍ଥିତ ରହି ମୂଳ ପ୍ରମାଣ ଯାଞ୍ଚ ନିମନ୍ତେ ପେସ କରିବେ।**ନିର୍ଦ୍ଧାରିତ ଦିବସରେ ନିଜେ ଉପସ୍ଥିତ ରହି ମୂଳ ପ୍ରମାଣ ପତ୍ର ଯାଞ୍ଚ କରାଇ ନପାରିଲେ ଉକ୍ତ ଦରଖାସ୍ତ କୁ ବିଚାର ପାଇଁ ଗ୍ରହଣ କରାଯିବ ନାହିଁ** । ସମସ୍ତ ଦରଖାସ୍ତ ଗୁଡିକ ମୂଳ ପ୍ରମାଣ ପତ୍ର ସହ ଯାଞ୍ଚ କଲାପରେ ଏକ ଯୋଗ୍ୟତା ଭିତ୍ତିକ ତାଲିକା ନିର୍ଦ୍ଧାରିତ online portal **www.engagement-awc.odisha.gov.in** ରେ ଏବଂ ସମ୍ପୃକ୍ତ କେନ୍ଦ୍ର/ ପଞ୍ଚାୟତ / ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଙ୍କ ନୋଟିସ ବୋଡ ରେ ଜନସାଧାରଙ୍କର ଅବଗତି ପାଇଁ ତା. **୨୩.୦୧.୨୦୨୫** ରିଖ ଦିନ ଠିଠା ପ୍ରକାଶନ କରାଯିବ।

ଉକ୍ତ ତାଲିକା ବିଷୟରେ କୌଣସି ଆପତ୍ତି ଅଭିଯୋଗ ଥିଲେ ସେ ବାବଦରେ ତା. **୨୩.୦୧.୨୦୨୫** ଠାରୁ ତା. **୨୯.୦୧.୨୦୨୫** ମଧ୍ୟରେ ଅଭିଯୋଗ ଓ ତତ ସମ୍ପର୍କିତ ତଥ୍ୟଭିତିକ ପ୍ରମାଣ ପତ୍ର ଲିଖିତ ଆକାରରେ ଉପୋରକ୍ତ online portal ରେ ଦାଖଲ କରିବେ । ତା. **୨୯.୦୧.୨୦୨୫** ପରେ କୌଣସି ଅଭିଯୋଗ ବିଚାରକୁ ନିଆ ଯିବ ନାହିଁ।

6.01.25

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଉଲୁଣ୍ଡା

Child Dev. Project Office.
Ulunda

# ଯୋଗ୍ୟତା

ଆବେଦନକାରିଣୀ ନିମ୍ନ ଲିଖିତ ନିୟମ ମାନ ପାଳନ କରି ପ୍ରମାଣ ପତ୍ର ଦାଖଲ କରିବେ । ନିୟମ ବହିର୍ଭୂତ କାଗଜାତ ଯୋଗ୍ୟ ବିବେଚିତ ହେବ ନାହିଁ ।

୧. ପ୍ରାର୍ଥିନୀ କେବଳ ମହିଳା।ଶ୍ରେଣୀ ଓ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ର ପରିସୀମା ର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୨. ପ୍ରାର୍ଥିନୀ ଙ୍କ ବୟସ ତା. ୦୧.୦୧.୨୦୨୫ ସୁଦ୍ଧା ୧୮ ବର୍ଷ ରୁ କମ କିମ୍ବା ୩୫ ବର୍ଷରୁ ଅଧିକ ହୋଇ ନଥିବା

୩. ପ୍ରାର୍ଥିନୀ ଅତିକମ ରେ ଦ୍ୱାଦଶ ଶ୍ରେଣୀ ପାସ କରିଥିବା ଦରକାର । ତାଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ଏବଂ ମାର୍କସିଟ ର ନମୁନା ଆବେଦନ ପତ୍ର ସହିତ ଅପଲୋଡ କରିବେ । ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ହାସଲ କରିଥିବା ମାର୍କ ଆଧାରରେ ଆବେଦନ କାରିଙ୍କ ମେରିଟ ଲିଷ୍ଟ ପ୍ରସ୍ତୁତ କରାଯିବ।

୪. ପ୍ରାର୍ଥିନୀ ଯଦି ଓଡିଶା ବୋର୍ଡରେ ମାଟ୍ରିକ କିମ୍ବା ଦ୍ୱାଦଶ ଶ୍ରେଣୀ ପାସ କରି ନ ଥିବେ ଓଡିଆ ଭାଷାରେ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ରୁ ଅନୁନ୍ୟ ୭ମ ଶ୍ରେଣୀ ପାସ କରିଥିବା ପ୍ରମାଣ ପତ୍ର ପୋର୍ଟାଲ ରେ ଅପଲୋଡ କରିବେ।

୫. ବୟସର ମୂଳ ପ୍ରମାଣ ପତ୍ର(ମାଟ୍ରିକ ସାର୍ଟିଫିକେଟ) online ମାଧ୍ୟମରେ upload କରିବେ।

୬. ଅନୁସୂଚିତ ଜାତି, ଜନଜାତି, ବିଧବା , ଅନାଥ ଝିଅ(ଜୈବିକ କିମ୍ବା ଆଇନଗତ ପିତାମାତା ନ ଥିବା) ,ଶାରୀରିକ ଭିନ୍ନକ୍ଷମ ମହିଳା (୪୦% ରୁ ଅଧିକ ଭିନ୍ନକ୍ଷମଙ୍କୁ ଶାରୀରିକ ଭିନ୍ନକ୍ଷମ ଭାବ ରେ ଗ୍ରହଣ କରାଯିବ), ନିରାଶ୍ରୟ,ଛାଡପତ୍ର ପ୍ରାପ୍ତ , ପରିତ୍ୟକ୍ତ ମହିଳା , ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତ୍ତିର୍ଣ ହୋଇଥିବା ପ୍ରାର୍ଥିନୀ, ସମଗ୍ର ଶିକ୍ଷା /ଏନ.ପି.ଇ.ଜି.ଏଲ ଅଧୀନ ରେ ଇ.ସି .ସି.ଇ ୱାର୍କର ଭାବ ରେ କିମ୍ବା ଗାଁ ର ବାଲବାଦୀ କର୍ମୀ ଭାବରେ କାର୍ଯ୍ୟ କରିଥିବା ପ୍ରାର୍ଥିନୀ ଙ୍କୁ ନିୟମ ଅନୁସାରେ ଗ୍ରେସ ମାର୍କ (ଶତକଡା ମାର୍କ) ଦିଆଯିବ । ଏଥି ନିମନ୍ତେ ଉପଯୁକ୍ତ ପ୍ରମାଣ ପତ୍ର ଦରଖାସ୍ତ ସହ ଅପଲୋଡ କରିବା ଆବଶ୍ୟକ ।

୭. ପ୍ରାର୍ଥିନୀ ଆବେଦନ ପତ୍ର ସହିତ । ସ୍ଥାନୀୟ ତାହାସିଲଦାର ଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ବୈଧତା ଥିବା ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଓ ଜାତିଗତ ପ୍ରମାଣ ପତ୍ର ପୋର୍ଟାଲ ରେ ଅପଲୋଡ କରିବା ଆବଶ୍ୟକ।

୮। ଆବେଦନକାରୀ ନିଜର ପାସପୋର୍ଟ ସାଇଜ ଫଟୋ ଏବଂ ଦରଖାସ୍ତ online ମାଧ୍ୟମରେ upload କରିବେ।

୯. ଓଡିଶା ସଂରକ୍ଷଣ ନିୟମ (ଓଆରଭି)-୧୯୭୫ ଏହି ଚୟନ ରେ ଲାଗୁ ହେବନାହିଁ, କିନ୍ତୁ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ଏସସି, ଏସଟି ପ୍ରଥୀନୀ ମାନଙ୍କୁ ପ୍ରାଧାନ୍ୟ ଦିଆଯିବ ।

୧୦. ଯଦି ପ୍ରାର୍ଥିନୀଙ୍କ ଜାତି/ ସ୍ଥାୟୀ ବାସିନ୍ଦା/ଶିକ୍ଷାଗତ ପ୍ରମାଣ ପତ୍ରରେ କୌଣସି ମିଥ୍ୟା ତଥ୍ୟ ଚିହ୍ନଟ ହୁଏ, ତେବେ ପ୍ରାର୍ଥିନୀଙ୍କ ଦରଖାସ୍ତ ନାକଚ କରାଯିବ। ସହିତ ସରକାରୀ ନିୟମ ଅନୁଯାୟୀ ଦଣ୍ଡିତ ହେବେ।

ସମସ୍ତ ପ୍ରମାଣପତ୍ର ଉପରୋକ୍ତ ୱେବସାଇଟ/ ପୋର୍ଟାଲ ରେ ଅପଲୋଡ ହୋଇଥିବା ଆବଶ୍ୟକ । ଆବେଦନ କରିଥିବା ପ୍ରାର୍ଥିନୀ ମାନେ ସେମାନଙ୍କର ପ୍ରମାଣ ପତ୍ର ଉପୋରକ୍ତ online portal ମାଧ୍ୟମରେ ଦାଖଲ କରି ନଥିଲେ ପରେ ବିଚାରକୁ ନିଆ ଯିବ ନାହିଁ।

**ବି. ଦ୍ର. ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଉକ୍ତ ବିଜ୍ଞାପନ କୁ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।**

[signature] ୮.୦୧.୨୦୨୫

**ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ**
**ଉଲୁଣ୍ଡା**

Child Dev. Project Office.
Ulunda

| କ୍ରମିକ ନଂ. | ଖାଲି ପଡିଥିବା ଅଙ୍ଗନବାଡିକେନ୍ଦ୍ର ର ନାମ | ଗ୍ରାମ ପଞ୍ଚାୟତ ର ନାମ | ଅଙ୍ଗନବାଡି ସେବାଞ୍ଚଳ (ସର୍ଭେ ଖାତା ଅନୁଯାୟୀ) |
|---|---|---|---|
| ୧ | କାଳପଥର-୧ | କଲାପଥର | ଘରନମ୍ବର ୦୧ କାର୍ତ୍ତିକ ଖେତି ଙ୍କ ଘରଠାରୁ ଘର ନମ୍ବର ୮୪ ସନ୍ତସମିର ଜଗଦଲା ଙ୍କ ଘର ପର୍ଯ୍ୟନ୍ତ। |
| ୨ | ପାଲିଗାଁ ମିନି | ମହଦା | ଘରନମ୍ବର ୦୧ ସଜନା ରଣବନ୍ଧିଆ ଙ୍କ ଘରଠାରୁ ଘର ନମ୍ବର ୪୫ ଯଜ୍ଞସିନି ମାହାନନ୍ଦ ଙ୍କ ଘର ପର୍ଯ୍ୟନ୍ତ। |

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଉଲୁଣ୍ଡା
Child Dev. Project Office.
Ulunda

ପରିପତ୍ର ସଂଖ୍ୟା 18 ତାରିଖ 06.01.2025

୧)ଏହାର ଏକକିତ ନକଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଉଲୁଣ୍ଡା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ଘୋଷଣା ଫଳକରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଟଙ୍ଗାଗଲା ।

୨)ଏହାର ଏକକିତ ନକଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଲୁଣ୍ଡା , ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା,ସି.ଏଚ.ସି., ଉଲୁଣ୍ଡା ବି.ଏସ. ଏସ.ଓ, ଉଲୁଣ୍ଡା ଙ୍କ ଅବଗତି ତଥା ବିଧି କାର୍ଯ୍ୟ ନିମତେ ପ୍ରେରଣା କରାଗଲା।

୩)ଏହାର ଏକକିତ ନକଲ ସମ୍ପୃକ୍ତ ଗ୍ରାମର ପରିଦର୍ଶୀକା ଓ ସରପଞ୍ଚ ଙ୍କ ଅବଗତି ଏବଂ ସମ୍ପୃକ୍ତ ଗ୍ରାମ, ଗ୍ରାମପଞ୍ଚାୟତ ଓ କେନ୍ଦ୍ରାଞ୍ଚଳ ରେ ବହୁଳ ପ୍ରଚାର ନିମନ୍ତେ ଛପାଇବା ପାଇଁ ପ୍ରେରଣା କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଉଲୁଣ୍ଡା
Child Dev. Project Office.
Ulunda

ପରିପତ୍ର ସଂଖ୍ୟା 19 ତାରିଖ 06.01.2025

ଏହାର ଏକକିତ ନକଲ ଉପ- ଜିଲ୍ଲାପାଳ, ବୀରମାହାରାଜପୁର ତଥା ଅଧକ୍ଷ , ଶିଶୁ ବିକାଶ ପ୍ରକଳ୍ପ , ଉଲୁଣ୍ଡା / ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁବର୍ଣ୍ଣପୁର ଙ୍କ ଅବଗତି ତଥା ବିଧିକାର୍ଯ୍ୟ ନିମନ୍ତ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଉଲୁଣ୍ଡା
Child Dev. Project Office.
Ulunda

ପରିପତ୍ର ସଂଖ୍ୟା 20 ତାରିଖ 06.01.2025

ଏହାର ପତିଲିପି ଜିଲ୍ଲା ସୂଚନା ଅଧିକାରୀ,ସୁବର୍ଣ୍ଣପୁର ଅଧକ୍ଷ ଅବଗତି ନିମନ୍ତେ ପେରଣ କରାଗଲା ଏବଂ ଏହି ବିଜ୍ଞାପନ www.subarnapur.nic.in ରେ ସଂଲଗ୍ନ କରିବାକୁ ଅନୁରୋଧ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଉଲୁଣ୍ଡା
Child Dev. Project Office.
Ulunda